1963
ଅକ୍ଟୋବର 10

# ରାଜ କିଶୋର ତିୱାରୀ

ବନାମ

# ଗୋବିନ୍ଦରାମ ଭଂସାଲୀ

(ପି. ବି. ଗଜେନ୍ଦ୍ରଗଡକର, କେ. ସୁବ୍ବା ରାଓ, କେ. ଏନ୍. ୱାଞ୍ଚୁ, ଜେ. ସି. ଶାହ ଏବଂ ରଘୁବର ଦୟାଲ, ନ୍ୟାୟମୂର୍ତ୍ତିବୃନ୍ଦ)

*ପଶ୍ଚିମବଙ୍ଗ ଗୃହ ପରିସର ଭଡ଼ା ନିୟନ୍ତ୍ରଣ (ଅସ୍ଥାୟୀ ବ୍ୟବସ୍ଥା) ଅଧିନିୟମ,* 1950 (1950*ର ଅଧିନିୟମ* 17), *ଧାରା* 13 (2) - *ଉପ-ଭଡ଼ାଟିଆ ନିର୍ଦ୍ଧାରଣ - ପ୍ରଥମ ଶ୍ରେଣୀ ଭଡ଼ାଟିଆଙ୍କ ବହିଷ୍କରଣ ତାରିଖ ଠାରୁ ଭଡ଼ାସ୍ୱତ୍ୱ ଆରମ୍ଭ ହେବ କି - ଧାରା* 13 (2) *ର ପ୍ରଭାବ।*

ଅପିଲକାରୀ ଏପ୍ରିଲ୍ 1,1954 ରୁ ଆରମ୍ଭ କରି ମାସିକ ଆଧାରରେ S ର ଉପ-ଭଡ଼ାଟିଆ ଥିଲେ । ସେପ୍ଟେମ୍ବର 15,1943 ଠାରୁ ମାସିକ ଭଡ଼ା ଆଧାରରେ S ପ୍ରତିବାଦୀଙ୍କ ଭଡ଼ାଟିଆ ଥିଲେ । ଜୁନ 16, 1955 ରେ, Sଙ୍କ ବିରୁଦ୍ଧରେ ପ୍ରତିବାଦୀ ଏକ ବହିଷ୍କରଣ ଡିକ୍ରି ହାସଲ କରିଥିଲେ । ପଶ୍ଚିମବଙ୍ଗ ଗୃହ ପରିସର ଭଡ଼ା ନିୟନ୍ତ୍ରଣ (ଅସ୍ଥାୟୀ ବ୍ୟବସ୍ଥା) ଅଧିନିୟମ, 1950ର ଧାରା 13 ର ଉପ-ଧାରା (2) କୁ ଦୃଷ୍ଟିରେ ରଖି S ର ଭଡ଼ାସ୍ୱତ୍ୱ ନିର୍ଦ୍ଧାରଣ କରିବା ପରେ ଅପିଲକାରୀ ପ୍ରତିବାଦୀଙ୍କର ଭଡାଟିଆ ହୋଇଥିଲେ । ପ୍ରତିବାଦୀ ଅପିଲକାରୀଙ୍କୁ ଏକ ବିଜ୍ଞପ୍ତି ଦେଇ 1957 ମସିହାର ଏପ୍ରିଲ ମାସର ଶେଷ ଦିନର ସମାପ୍ତି ସୁଦ୍ଧା ଗୃହ ପରିସରର ମାଲିକାନା ହସ୍ତାନ୍ତର କରିବାକୁ କହିଥିଲେ, କାରଣ ସେ ଜଣେ ବୈଧାନିକ ଭଡ଼ାଟିଆ ହୋଇ ମଧ୍ୟ ଜୁନ୍ 16,1955 ପରଠାରୁ ଭଡ଼ା ଦେଇନଥିଲେ । ପ୍ରତିବାଦୀ ବହିଷ୍କରଣ ନିମନ୍ତେ ଏକ ମକଦ୍ଦମା ଦାଏର କରିଥିଲେ, ଯାହାର ଡିକ୍ରି ହୋଇଥିଲା, ଏବଂ ଉଚ୍ଚ ନ୍ୟାୟାଳୟରେ ଅପିଲକାରୀଙ୍କ ଦ୍ୱାରା କରାଯାଇଥିବା ଅପିଲଟି ବିଫଳ ହୋଇଥିଲା । ବିଶେଷ ଅନୁମତି ଦ୍ୱାରା ହୋଇଥିବା ଅପିଲ ଉପରେ, ଏହା ଯୁକ୍ତି କରାଯାଇଥିଲା ଯେ ଏହି ବିଜ୍ଞପ୍ତି ଅବୈଧ ଥିଲା କାରଣ ଆଇନ ଅନୁଯାୟୀ ଏହି ବିଜ୍ଞପ୍ତି ପାଇଁ ଅପିଲକାରୀଙ୍କୁ ଭଡ଼ାଟିଆସ୍ୱତ୍ୱ ମାସର ସମାପ୍ତି ହେବା ପରେ ମାଲିକାନା ହସ୍ତାନ୍ତର କରିବା ବାଧ୍ୟତାମୂଳକ ଅଟେ, ଯେ ଭଡ଼ାସ୍ୱତ୍ୱ ଏକ ମାସର 16 ତାରିଖ ଠାରୁ ଥିଲା କାରଣ ଜୁନ୍ 16,1955 ରେ S ବିରୁଦ୍ଧରେ ବହିଷ୍କରଣ ଡିକ୍ରି ପାରିତ ହୋଇଥିଲା ଏବଂ ଏହି ବିଜ୍ଞପ୍ତି ପାଇଁ ଏପ୍ରିଲ ମାସର ଶେଷ ଦିନର ସମାପ୍ତିରେ ମାଲିକାନା ହସ୍ତାନ୍ତର ବାଧ୍ୟତାମୂଳକ ଥିଲା ।

*ଏହା ନିର୍ଣ୍ଣୟ ହୋଇଥିଲା ଯେ:* ଏହି ଯୁକ୍ତି ଅସମର୍ଥନୀୟ ଥିଲା ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଯଥାର୍ଥ ଭାବେ ପ୍ରତ୍ୟାଖ୍ୟାନ କରାଯାଇଥିଲା ।

*1963*

*ରାଜ କିଶୋର ତିୱାରୀ*
*ବନାମ*
*ଗୋବିନ୍ଦରାମ ଭଂସାଲୀ*

*ନ୍ୟାୟମୂର୍ତ୍ତି ରଘୁବର ଦୟାଲ*

ପଶ୍ଚିମବଙ୍ଗ ଗୃହ ପରିସର ଭଡ଼ା ନିୟନ୍ତ୍ରଣ (ଅସ୍ଥାୟୀ ବ୍ୟବସ୍ଥା) ଅଧିନିୟମ, 1950ର ଧାରା 13ର ଉପ-ଧାରା (2) ର ବ୍ୟବସ୍ଥାଗୁଡ଼ିକରେ କେବଳ ଏହା ଉଲ୍ଲେଖ କରାଯାଇଛି ଯେ ଯଦି ମୁଖ୍ୟ ଭଡ଼ାଟିଆସ୍ୱତ୍ୱ ସମାପ୍ତ ହୋଇଯାଏ, ତେବେ ସେହି ସମାନ ନିବନ୍ଧନ ଓ ସର୍ତ୍ତାବଳୀ ଆଧାରରେ, ଯେଉଁଥିରେ ଭଡ଼ାଟିଆଙ୍କ ଭଡ଼ାଟିଆସ୍ୱତ୍ୱ ସମାପ୍ତ ନହୋଇଥିଲେ ଘରମାଲିକଙ୍କ ଅଧୀନରେ ଉପ-ପଟ୍ଟାଧାରୀ ଧାରଣ କରିଥାଆନ୍ତେ, ଉପ-ଭଡ଼ାଟିଆ ଘରମାଲିକଙ୍କ ଭଡ଼ାଟିଆ ହେବେ । ଏହାର ଅର୍ଥ ହେଉଛି ଯେ ଭଡ଼ାଟିଆସ୍ୱତ୍ୱର ନିବନ୍ଧନ ଏବଂ ସର୍ତ୍ତାବଳୀ ଯାହା ଥିଲା, ପୂର୍ବତନ ଉପ-ଭଡ଼ାଟିଆ ଏବଂ ଘର ମାଲିକଙ୍କ ମଧ୍ୟରେ ସେହି ସମାନ ଭଡ଼ାଟିଆସ୍ୱତ୍ୱ ନିବନ୍ଧନ ଓ ସର୍ତ୍ତାବଳୀ ରହିଛି । ମାସର ପ୍ରଥମ ଦିନଠାରୁ ଆରମ୍ଭ ହୋଇ ମାସର ଶେଷ ଦିନରେ ସମାପ୍ତ ହେଉଥିବା ମାସିକ ଭଡା ଅବଧି କୌଣସି ପ୍ରକାରେ ଧାରା (13) ର ଉପ-ଧାରା (2) ର ବ୍ୟବସ୍ଥା ଦ୍ୱାରା ପ୍ରଭାବିତ ହୋଇନଥିଲା, ଯାହାର ପ୍ରଭାବ କେବଳ ଏହା ଥିଲା ଯେ ବହିଷ୍କାର ହୋଇଥିବା ଭଡ଼ାଟିଆଙ୍କ ଉପ-ଭଡ଼ାଟିଆ ହେବା ପରିବର୍ତ୍ତେ, ଉପ-ଭଡ଼ାଟିଆ ଘର ମାଲିକଙ୍କ ସହ ସିଧାସଳଖ ସମ୍ପର୍କ ସ୍ଥାପନ କରିଥିଲେ ଏବଂ ତାଙ୍କର ମୁଖ୍ୟ ଭଡ଼ାଟିଆ ହୋଇଥିଲେ ।

ଦେୱାନୀ ଅପିଲ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 150/1963 ।

ମୂଳ ଡିକ୍ରି ସଂଖ୍ୟା 48/1961 ରୁ ହୋଇଥିବା ଅପିଲରେ କଲିକତା ଉଚ୍ଚ ନ୍ୟାୟାଳୟଙ୍କ ଜାନୁଆରୀ 9,1962 ର ରାୟ ଏବଂ ଡିକ୍ରିରୁ ବିଶେଷ ଅନୁମତି ଦ୍ୱାରା ଏହା ଏକ ଅପିଲ ।

ଅପିଲକାରୀଙ୍କ ପକ୍ଷରୁ *ଏନ୍. ସି. ଚାଟାର୍ଜୀ, ଆର୍. କେ. ଗର୍ଗ, ଏସ୍. ସି. ଅଗ୍ରୱାଲ, ଏମ୍. କେ. ରାମମୂର୍ତ୍ତି* ଏବଂ *ଡି. ପି. ସିଂହ* ।

ପ୍ରତିବାଦୀଙ୍କ ପକ୍ଷରୁ *ଏମ୍. ସି. ସେତଲବାଦ* ଏବଂ *ବି. ପି. ମାହେଶ୍ୱରୀ* ।

10 ଅକ୍ଟୋବର, 1963 । ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟମୂର୍ତ୍ତି ରଘୁବର ଦୟାଲ

ନ୍ୟାୟମୂର୍ତ୍ତି ରଘୁବର ଦୟାଲଙ୍କ ଦ୍ୱାରା - ଏହି ଅପିଲରେ ଅପିଲକାରୀ ରାଜ କିଶୋର ତିୱାରୀ ବିଶେଷ ଅନୁମତି ଦ୍ୱାରା, 10 ଏପ୍ରିଲ, 1954 ରେ ଏକ ନିବନ୍ଧ ଦଖଲ ମିଆଦି ଅନୁମତି ଅଧୀନରେ, ସୁଶୀଲ ଚନ୍ଦ୍ର ବାନାର୍ଜୀଙ୍କ ଉପ-ଭଡ଼ାଟିଆ ଭାବରେ କେତେକ ଗୃହ ପରିସରକୁ ଦଖଲ କରିଥିଲେ । 1954 ମସିହା ଏପ୍ରିଲ 1 ତାରିଖରୁ ତାଙ୍କର ଭଡ଼ାଟିଆସ୍ୱତ୍ୱ ଆରମ୍ଭ ହୋଇଥିଲା । ପ୍ରତି ମାସକୁ 220 ଟଙ୍କା ଭଡା ସ୍ଥିରୀକୃତ ହୋଇଥିଲା । ପରେ ଜୁନ୍ 9,1954ର ଏକ ଚୁକ୍ତିନାମା ଦ୍ୱାରା ଏହାକୁ ହ୍ରାସ କରି 205 ଟଙ୍କା କରିଦିଆଯାଇଥିଲା । ଭଡ଼ାଟିଆସ୍ୱତ୍ୱ ମାସିକ ଥିଲା ।

ଅନ୍ୟ କେତେକ ଦେୟକୁ ମିଶାଇ 153 ଟଙ୍କାର ମାସିକ ଭଡାରେ, ସେପ୍ଟେମ୍ବର 15,1943 ରୁ ସୁଶୀଲ ଚନ୍ଦ୍ର ବାନାର୍ଜୀ ଗୋବିନ୍ଦରାମ ଭଂସାଲୀଙ୍କ ଭଡ଼ାଟିଆ ଥିଲେ । ଜୁନ୍ 16, 1955 ରେ, ଘରମାଲିକ ସୁଶୀଲ ଚନ୍ଦ୍ର ବାନାର୍ଜୀଙ୍କ ବିରୋଧରେ ଏକ ବହିଷ୍କରଣ ଡିକ୍ରି ହାସଲ କରିଥିଲେ । ପଶ୍ଚିମବଙ୍ଗ ଗୃହ ପରିସର ଭଡ଼ା ନିୟନ୍ତ୍ରଣ (ଅସ୍ଥାୟୀ ବ୍ୟବସ୍ଥା) ଅଧିନିୟମ, 1950 (1950ର ଅଧିନିୟମ XVII J.)ର, ଏହା ପରେ  ଅଧିନିୟମ ବୋଲି ସୂଚିତ, ଧାରା 13ର ଉପ-ଧାରା (2) କୁ ଦୃଷ୍ଟିରେ ରଖି, ସୁଶୀଲ ଚନ୍ଦ୍ର ବାନାର୍ଜୀଙ୍କ ଭଡ଼ାଟିଆସ୍ୱତ୍ୱ ନିର୍ଦ୍ଧାରଣ ପରେ ଅପିଲକାରୀ ଜମି ମାଲିକଙ୍କ ଭଡ଼ାଟିଆ ହୋଇଥିଲେ ।

ମାର୍ଚ୍ଚ 19,1957 ରେ, ପ୍ରତିବାଦୀ ଜମି-ମାଲିକ ଅପିଲକାରୀଙ୍କୁ ଏକ ବିଜ୍ଞପ୍ତି ଦେଇ ଏପ୍ରିଲ 1957 ର ଶେଷ ଦିନର ସମାପ୍ତି ସୁଦ୍ଧା ଗୃହ ପରିସରର ଦଖଲ ହସ୍ତାନ୍ତର କରିବାକୁ କହିଥିଲେ, ଯାହାର ଆଧାର ଏହା ଥିଲା ଯେ ସେ ବୈଧାନିକ ଭଡାଟିଆ ହୋଇଥାଇ ମଧ୍ୟ ଜୁନ୍ 16,1955 ରୁ ତାଙ୍କୁ ଭଡ଼ା ପ୍ରଦାନ କରିନଥିଲେ, ଏବଂ ଏହିପରି ଭାବେ, ପଶ୍ଚିମବଙ୍ଗ ଗୃହ ପରିସର ଭଡ଼ାଟିଆସ୍ୱତ୍ୱ ଅଧିନିୟମ, 1956 (1956 ର ଅଧିନିୟମ XII) ଅନୁଯାୟୀ କୌଣସି ସୁରକ୍ଷା ପାଇବାକୁ ହକଦାର ନଥିଲେ । ପରବର୍ତ୍ତୀ ସମୟରେ, 10 ଜୁନ୍ 1957ରେ, ଗୃହ ପରିସରରୁ ଅପିଲକାରୀଙ୍କ ବହିଷ୍କରଣ ନିମନ୍ତେ ପ୍ରତିବାଦୀ ଏକ ମକଦ୍ଦମା ଦାଏର କରିଥିଲେ । ବିଭିନ୍ନ କାରଣ ଦର୍ଶାଇ ଅପିଲକାରୀ ଏହି ମକଦ୍ଦମାକୁ ବିରୋଧ କରିଥିଲେ । କିନ୍ତୁ କିଛି ତ୍ରୁଟି ଯୋଗୁଁ ତାଙ୍କ ଜବାବକୁ ବାଦ୍ ଦିଆଯାଇଥିଲା । ପରିଶେଷରେ, 1959 ମସିହା ଡିସେମ୍ବର 15 ତାରିଖରେ ଏହି ମକଦ୍ଦମାର ଡିକ୍ରି ହୋଇଥିଲା । ଉଚ୍ଚ ନ୍ୟାୟାଳୟକୁ କରାଯାଇଥିବା ଏକ ଅପିଲ ବିଫଳ ହୋଇଥିଲା । ଏହି ଅଦାଲତରେ ଅପିଲ କରିବା ପାଇଁ ଅନୁମତି ଦେବାକୁ ଉଚ୍ଚ ନ୍ୟାୟଳୟ ମନା କରିଦେଇଥିଲେ । ଏହା ପରେ, ଅପିଲକାରୀ ଏହି ଅଦାଲତରୁ ବିଶେଷ ଅନୁମତି ପ୍ରାପ୍ତ କରିଥିଲେ ଏବଂ ଅପିଲ ଦାଖଲ କରିଥିଲେ ।

ଅପିଲକାରୀଙ୍କ ପାଇଁ ଅନୁରୋଧ କରାଯାଇଥିବା ଏକମାତ୍ର ପ୍ରସଙ୍ଗ ହେଉଛି ଯେ ମାର୍ଚ୍ଚ 19, 1957 ତାରିଖର ବେଦଖଲ ବିଜ୍ଞପ୍ତି ଏହି ତଥ୍ୟକୁ ଦୃଷ୍ଟିରେ ରଖି ଅବୈଧ ଥିଲା ଯେ ଆଇନ ଅନୁଯାୟୀ ଏହି ବିଜ୍ଞପ୍ତି ପାଇଁ ଭଡ଼ାଟିଆସ୍ୱତ୍ୱ ମାସର ସମାପ୍ତି ସମୟରେ ଅପିଲକାରୀଙ୍କୁ ଦଖଲ ହସ୍ତାନ୍ତର କରିବା ବାଧ୍ୟତାମୂଳକ ଅଟେ, ଯେ ଭଡ଼ାଟିଆସ୍ୱତ୍ୱ ଏକ ମାସର 16 ତାରିଖ ଠାରୁ ଥିଲା କାରଣ ଜୁନ୍ 16,1955 ରେ ପ୍ରଥମ ଶ୍ରେଣୀ ଭଡ଼ାଟିଆଙ୍କ ବିରୋଧରେ ବହିଷ୍କରଣ ଡିକ୍ରି ପାରିତ ହୋଇଥିଲା, ଏବଂ ଏହି ବିଜ୍ଞପ୍ତି ପାଇଁ ଏପ୍ରିଲର ଶେଷ ଦିନ ସମାପ୍ତି ସୁଦ୍ଧା ଦଖଲ ହସ୍ତାନ୍ତର କରିବା ବାଧ୍ୟତାମୂଳକ ଅଟେ । ଆମେ କହିପାରିବା ଯେ ଲିଖିତ ବିବୃତ୍ତିରେ ଏହି ପ୍ରସଙ୍ଗ ଉଠାଯାଇ ନଥିଲା ।

1963
ରାଜ କିଶୋର ତିୱାରୀ
ବନାମ
ଗୋବିନ୍ଦରାମ ଭଂସାଲୀ
ନ୍ୟାୟମୂର୍ତ୍ତି ରଘୁବର
ଦୟାଲ

ତେବେ ଏହାକୁ ଅପିଲ ଅଦାଲତରେ ଉଠାଇବାକୁ ଅନୁମତି ଦିଆଯାଇଥିଲା କିନ୍ତୁ ଏହାକୁ ପ୍ରତ୍ୟାଖ୍ୟାନ କରିଦିଆଯାଇଥିଲା ।

ଏହି ଅପିଲରେ ନିର୍ଣ୍ଣୟ ହେବାକୁ ଥିବା ଏକମାତ୍ର ବିଷୟ ହେଉଛି ଯେ ପ୍ରତିବାଦୀଙ୍କ ତୁଳନାରେ ଅପିଲକାରୀଙ୍କ ଭଡ଼ାଟିଆସ୍ୱତ୍ୱ କେଉଁ ତାରିଖରୁ ଆରମ୍ଭ ହୋଇଥିଲା । ଅଧିନିୟମର ଧାରା 13 ର ଉପ-ଧାରା (2)ର ପ୍ରାସଙ୍ଗିକ ଅଂଶ ହେଉଛି:

"(2) ଉପଧାରା (1)ର ବ୍ୟାଖ୍ୟାରେ ପରିଭାଷିତ ହୋଇଥିବା ପରି ଯେଉଁଠାରେ ଜଣେ ପ୍ରଥମ ଶ୍ରେଣୀର ଭଡ଼ାଟିଆଙ୍କ ଦ୍ୱାରା କିମ୍ବା ପ୍ରଥମ ପ୍ରକାରର ଭଡ଼ାଟିଆଙ୍କ ଅଧୀନ ଭଡ଼ାଟିଆଙ୍କ ଦ୍ୱାରା ଭଡାରେ ନିଆଯାଇଥିବା କୌଣସି ଘର କିମ୍ବା ଏହାର କୌଣସି ଅଂଶକୁ ଭଡା ଦିଆଯାଇଛି, ଏବଂ ଶେଷରେ ଉଲ୍ଲେଖ ହୋଇଥିବା ଏପରି ଭଡାଟିଆର ଘରମାଲିକଙ୍କ ଉପରେ ଏହି ଉପ-ଭଡାର ଦାୟିତ୍ୱ ରହିଛି, ଧାରା 12 ର ଉପଧାରା (1)ର ପ୍ରାବଧାନରେ ରହିଥିବା ଖଣ୍ଡ (h) ରେ ଉଲ୍ଲେଖ ହୋଇଥିବା ଆଧାର ଗୁଡ଼ିକ ମଧ୍ୟରୁ ଯେ କୌଣସି ଆଧାର କାରଣରୁ ଘର ମାଲିକଙ୍କ ଦ୍ୱାରା ଏକ ମକଦ୍ଦମାରେ ପ୍ରାପ୍ତ ଏକ ଡିକ୍ରି ବ୍ୟତୀତ ଅନ୍ୟଥା, ଯଦି ଉଭୟ କ୍ଷେତ୍ରରେ ଏପରି ଭଡ଼ାଟିଆଙ୍କର ଭଡ଼ାଟିଆ-ସ୍ୱତ୍ୱ ବିଧିଗତ ଭାବେ ସମାପ୍ତ ହୋଇଛି, ସ୍ଥିତି ଯେପରି ହୋଇଥାଉ, ଏପରି ପରିସର କିମ୍ବା ଅଂଶ ସମ୍ବନ୍ଧରେ ଭଡ଼ାଟିଆ-ସ୍ୱତ୍ୱ ନିର୍ଦ୍ଧାରିତ ହୋଇଥିବା ଭଡ଼ାଟିଆ ଘର ମାଲିକଙ୍କ ଅଧୀନ ବୋଲି ସିଧା ସଳଖ ଭାବେ ଧରି ଉପ-ଭଡାଟିଆଙ୍କୁ ଜଣେ ଭଡ଼ାଟିଆ ବୋଲି ବିବେଚନା କରାଯିବ ସେହି ନିବନ୍ଧନ ଏବଂ ସର୍ତ୍ତାବଳୀ ଉପରେ ଯେ ସେହି ଉପ-ଭଡ଼ାଟିଆ, ଭଡ଼ାଟିଆଙ୍କ ଅଧୀନରେ ରହିଥାଆନ୍ତେ ଯଦି ପରବର୍ତ୍ତୀ ଜଣଙ୍କ ଭଡ଼ାଟିଆ-ସ୍ୱତ୍ୱ ଏହିପରି ନିର୍ଦ୍ଧାରିତ ହୋଇନଥାନ୍ତା ।"

ଏହି ବ୍ୟବସ୍ଥାଗୁଡ଼ିକରେ ଏପରି କିଛି ନାହିଁ, ଯାହା ଆମକୁ ଅପିଲକାରୀଙ୍କ ନିମନ୍ତେ କରାଯାଇଥିବା ଅନୁରୋଧ ଅନୁଯାୟୀ, ଏହା ମାନିବାକୁ ବାଧ କରିବ ଯେ ଯେଉଁ ଦିନ ଭଡ଼ାଟିଆଙ୍କ ଭଡ଼ାଟିଆସ୍ୱତ୍ୱ, ଯାହା ବିରୁଦ୍ଧରେ ଏକ ବହିଷ୍କରଣ ଡିକ୍ରି ପାରିତ ହୋଇଛି, ସମାପ୍ତ ହୋଇଛି, ସେହି ତାରିଖ ଠାରୁ ଉପ-ଭଡ଼ାଟିଆ ଘର ମାଲିକଙ୍କ ଭଡ଼ାଟିଆ ହୋଇଯାଆନ୍ତି । ଏହି ନିୟମାବଳୀରେ କେବଳ ଏହା ଉଲ୍ଲେଖ କରାଯାଇଛି ଯେ ଯଦି ମୁଖ୍ୟ ଭଡାଟିଆ ଆଇନଗତ ଭାବେ ସମାପ୍ତ ହୋଇଥାନ୍ତି ତେବେ ଉପ-ଭଡ଼ାଟିଆ ଘର ମାଲିକଙ୍କ ଭଡାଟିଆ ହୋଇପାରିବେ । ଅନ୍ୟ ପକ୍ଷରେ, ଏହି ଉପଧାରାରେ କୁହାଯାଇଛି ଯେ ଯଦି ଭଡ଼ାଟିଆଙ୍କ ଭଡ଼ାଟିଆସ୍ୱତ୍ୱ ସମାପ୍ତ କରାଯାଇନଥାନ୍ତା, ତେବେ ଉପ-ଭଡ଼ାଟିଆ ସେହି ନିବନ୍ଧନ ଓ ସର୍ତ୍ତାବଳୀ ଆଧାରରେ ଭଡ଼ାଟିଆ ହୋଇଥାଆନ୍ତେ । ଏହାର ଅର୍ଥ ହେଉଛି ଯେ ଭଡ଼ାଟିଆସ୍ୱତ୍ୱର ନିବନ୍ଧନ ଓ ସର୍ତ୍ତାବଳୀ ଯାହା ଥିଲା, ପୂର୍ବବର୍ତ୍ତୀ ଉପ-

*1963*
*ରାଜ କିଶୋର ତିୱାରୀ*
*ବନାମ*
*ଗୋବିନ୍ଦରାମ ଭଂସାଲୀ*
*ନ୍ୟାୟମୂର୍ତ୍ତି ରଘୁବର ଦୟାଲ*

ଭଡ଼ାଟିଆ ଏବଂ ଘର ମାଲିକଙ୍କ ମଧ୍ୟରେ ଭଡ଼ାଟିଆସ୍ୱତ୍ୱର ନିବନ୍ଧନ ଓ ସର୍ତ୍ତାବଳୀ ସେହିଭଳି ସମାନ ରହିବ । ଅପିଲକାରୀଙ୍କ କ୍ଷେତ୍ରରେ ଭଡ଼ାଟିଆସ୍ୱତ୍ୱର ଏପରି ନିବନ୍ଧନ ଓ ସର୍ତ୍ତାବଳୀ ଥିଲା ଯେ ସେ ଏକ ନିର୍ଦ୍ଦିଷ୍ଟ ଭଡ଼ା ପ୍ରଦାନ ପରେ ସେ ମାସିକ ଭଡ଼ାଟିଆ ହେବେ ଏବଂ ତାଙ୍କର ଭଡ଼ାଟିଆସ୍ୱତ୍ୱ ଏପ୍ରିଲ୍ 1954 ର ପ୍ରଥମ ଦିନରୁ ଆରମ୍ଭ ହେବାର ଥିଲା । ତେଣୁ ଏହା ସ୍ପଷ୍ଟ ଯେ ତାଙ୍କର ଭଡ଼ାଟିଆସ୍ୱତ୍ୱ କ୍ୟାଲେଣ୍ଡର ମାସ ଅନୁଯାୟୀ ଥିଲା । ଏହା ମାସର ପ୍ରଥମ ଦିନରେ ଆରମ୍ଭ ହୋଇଥିଲା ଏବଂ ମାସର ଶେଷ ଦିନରେ ସମାପ୍ତ ହୋଇଥିଲା । ଧାରା 13ର ଉପ-ଧାରା (2) ର ବ୍ୟବସ୍ଥା ଦ୍ୱାରା ଏହି ମାସିକ ଭଡ଼ାଟିଆସ୍ୱତ୍ୱ ଅବଧି କୌଣସି ପ୍ରକାରେ ପ୍ରଭାବିତ ହୋଇନଥିଲା, ଯାହାର ପ୍ରଭାବ କେବଳ ଏହା ଥିଲା ଯେ, ବେଦଖଲ କରାଯାଇଥିବା ଭଡ଼ାଟିଆଙ୍କର ଉପ-ଭଡ଼ାଟିଆ ହେବା ପରିବର୍ତ୍ତେ, ଉପ-ଭଡ଼ାଟିଆ ଜମିମାଲିକଙ୍କ ସହିତ ସିଧାସଳଖ ସମ୍ପର୍କ ସ୍ଥାପନ କରିଥିଲେ ଏବଂ ତାଙ୍କର ମୁଖ୍ୟ ଭଡ଼ାଟିଆ ହୋଇଥିଲେ କିମ୍ବା, ଅଧିନିୟମର ବର୍ଣ୍ଣନା ଅନୁଯାୟୀ ପ୍ରଥମ ଶ୍ରେଣୀର ଭଡ଼ାଟିଆ ହୋଇଥିଲେ । ଉପ-ଭଡ଼ାଟିଆଙ୍କ ଜମି ମାଲିକଙ୍କ କ୍ଷେତ୍ରରେ ବୈଧାନିକ ବ୍ୟବସ୍ଥା କେବଳ ଏକ ପରିବର୍ତ୍ତନ ଆଣିଥିଲା । ସ୍ୱତ୍ୱାଧିକାରୀ-ମାଲିକ ମୁଖ୍ୟ ଭଡ଼ାଟିଆଙ୍କ ସ୍ଥାନ ନେଇଥିଲେ, ଯାହାଙ୍କଠାରୁ ଉପ-ଭଡ଼ାଟିଆ ଭଡ଼ାଟିଆସ୍ୱତ୍ୱ ହାସିଲ କରିଥିଲେ ।

ତେଣୁ ଆମର ମତ ହେଉଛି ଯେ ମାର୍ଚ୍ଚ 19,1957 ର ବେଦଖଲ ବିଜ୍ଞପ୍ତିର ଅବୈଧତା ସମ୍ବନ୍ଧରେ ଅପିଲକାରୀଙ୍କ ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରି ଉଚ୍ଚ ନ୍ୟାୟାଳୟ ଠିକ୍ କରିଥିଲେ । ଏହାର ପରିଣାମ ହେଉଛି ଯେ ଅପିଲଟି ବିଫଳ ହୋଇଛି ଏବଂ ଖର୍ଚ୍ଚ ସହିତ ଖାରଜ କରାଗଲା ।

*ଅପିଲ ଖାରଜ ହେଲା ।*

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର:*

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ